# NATIONAL NEWS BULLETIN (ODIA)
## 2 September - 2025
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ସେମିକଣ୍ଡକ୍ଟର ବଜାରରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶିଦାର ଭାବେ ନିଜକୁ ପ୍ରତିପାଦନ କରିପାରିବ, କହିଲେ ପ୍ରଧାନମନ୍ତ୍ରୀ ।

– ଅଂଶିଦାର ସଂସ୍ଥା ଗୁଡ଼ିକର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆସନ୍ତାକାଲି କରିବେ ଆଲୋଚନା ।

- ସ୍ଥାୟୀତ୍ୱ ପ୍ରତିବଦ୍ଧତା ପୂରଣ କରିବାରେ ଜି-ଟ୍ୱେଣ୍ଟି ରାଷ୍ଟ୍ର ସମୂହ ମଧ୍ୟରେ ଭାରତ ଅଗ୍ରଣୀ, କହିଲେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ।
- ଆଫ୍‌ଗାନିସ୍ତାନ ଭୂକମ୍ପରେ ମୃତ୍ୟୁ ସଂଖ୍ୟା ୧ ହଜାର ୧୨୪କୁ ବୃଦ୍ଧି ।

ଏବଂ

- କପାସ୍ କିଶାନ୍ ଆପ୍‌ର ଶୁଭାରମ୍ଭ କଲେ ବୟନଶିଳ୍ପ ମନ୍ତ୍ରୀ ।

# ପିଏମ୍-ସେମିକନ୍ ଇଣ୍ଡିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଏକ ଦୃଢ଼ ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ସୃଷ୍ଟି କରିବା ପାଇଁ ଭାରତ ପଦକ୍ଷେପ ଗ୍ରହଣ କରିଛି । ଏ କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭରଶୀଳ ତଥା ବୈଶ୍ୱିକ ପ୍ରତିଯୋଗିତାରେ ନିଜକୁ ପ୍ରତିପାଦିତ କରିବ । ନୂଆଦିଲ୍ଲୀର ଯଶୋଭୂମି ଠାରେ ଆଜି ସେମିକନ୍ ଇଣ୍ଡିଆ ୨୦୨୫ ସମ୍ମିଳନୀକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବିଶ୍ୱସ୍ତରରେ ସେମିକଣ୍ଡକ୍ଟର ବଜାର ୬୦୦ ବିଲିୟନ୍ ଡଲାର୍‌ରେ ପହଞ୍ଚିଛି । ଆଗାମୀ ବର୍ଷ ଗୁଡ଼ିକରେ ଏହା ୧ ଟ୍ରିଲିୟନ୍ ଡଲାର୍ ଅତିକ୍ରମ କରିବ । ସେମିକଣ୍ଡକ୍ଟର ବଜାରରେ ଭାରତଏକ ଗୁରୁତ୍ୱପୂର୍ଣ୍ଣ ଅଂଶିଦାର ଭାବେ ନିଜକୁ ପ୍ରତିପାଦନ କରିପାରିବ । ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶରେ ଡିଜାଇନ୍, ଉତ୍ପାଦନ, ପ୍ୟାକେଜିଂ ଏବଂ ଉଚ୍ଚପ୍ରଯୁକ୍ତିବିଦ୍ୟା ଉପକରଣଗୁଡ଼ିକୁ ନିର୍ମାଣ କରିବା ଲକ୍ଷ୍ୟ ନେଇ ଏକ ବ୍ୟାପକ ଇକୋ ସିଷ୍ଟମ୍ ପ୍ରସ୍ତୁତ କରାଯାଉଛି । ସ୍ୱଦେଶୀ ନିର୍ମିତ ଚିଫସ୍ ମାଧ୍ୟମରେ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରକୁ ସଶକ୍ତ କରିବା ନେଇ ଭାରତ ଲକ୍ଷ୍ୟ ରଖିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**1-PM-MODI-CHIP-DIGITAL-DIAMOND**

ଭାରତ ସେମିକଣ୍ଡକ୍ଟର ଭବିଷ୍ୟତ ନିର୍ମାଣ କରିବାକୁ ପ୍ରସ୍ତୁତ ବୋଲି ବିଶ୍ୱ ବିଶ୍ୱାସ କରୁଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ବିକଶିତ ତଥା ଆତ୍ମନିର୍ଭରଶୀଳ ରାଷ୍ଟ୍ର ଗଠନ ଯାତ୍ରାରେ ସେମିକଣ୍ଡକ୍ଟର କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଅବଦାନ ପ୍ରଦାନ କରିବ ।

**V/O-2-PM-BHARAT-SEMICONDUTURE**

ଚଳିତ ବର୍ଷ ପ୍ରଥମ ତ୍ରୈମାସିକ ଜି.ଡି.ପି. ଅଭିବୃଦ୍ଧି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବୈଶ୍ୱିକ ଅର୍ଥନୀତି ଜନିତ ଆହ୍ୱାନ ଗୁଡ଼ିକ ସତ୍ତ୍ୱେ ଭାରତର ଜି.ଡି.ପି. ଅଭିବୃଦ୍ଧିହାର ୭ ଦଶମିକ୍ ୮ ପ୍ରତିଶତ ହୋଇଛି । ଦେଶର ଦୃତ ଅଭିବୃଦ୍ଧି ଶିଳ୍ପ ତଥା ନାଗରିକଙ୍କ ଯୋଗଦାନ ଏହାକୁ ପ୍ରତିପାଦିତ କରିପାରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଦେଶରେ ସେମିକଣ୍ଡକ୍ଟର ଇକୋ ସିଷ୍ଟମ୍‌କୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ଏହି ତିନି ଦିନିଆ ସମ୍ମିଳନୀ ଆୟୋଜିତ ହେଉଛି । ସମ୍ମିଳନୀ ଅବସରରେ ବିଭିନ୍ନ ଅଧିବେଶନ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତାକାଲି ସେମିକଣ୍ଡକ୍ଟର କ୍ଷେତ୍ରରେ ଅଂଶିଦାର ସଂସ୍ଥାଗୁଡ଼ିକର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଗୋଲଟେବୁଲ୍ ବୈଠକରେ ଯୋଗଦେବେ ।

# ପିଏମ୍‌-ଜୀବିକାନିଧି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିହାର୍ ରାଜ୍ୟ ଜୀବିକାନିଧି ସାଖ୍ ସହକାରୀ ସଂଘ ଲିମିଟେଡ୍‌ର ଶୁଭାରମ୍ଭ କରିଛନ୍ତି । ଭର୍ଚୁଆଲ୍ ମାଧ୍ୟମରେ ସମାବେଶକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଯୋଜନା ମାଧ୍ୟମରେ ରାଜ୍ୟର ଗ୍ରାମୀଣ ମହିଳା ଉଦ୍ୟୋଗୀଙ୍କୁ ସହଜରେ ଅର୍ଥିକ ସହାୟତା ପ୍ରଦାନ କରାଯାଇପାରିବ । ଏହାଦ୍ୱାରା ମହିଳା ଉଦ୍ୟୋଗୀଙ୍କର ବ୍ୟବସାୟ ବୃଦ୍ଧି ତ୍ୱରାନ୍ୱିତ ହେବ । ମହିଳାଙ୍କ ସଶକ୍ତିକରଣ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ବିକାଶରେ ମହିଳା ଉଦ୍ୟୋଗୀଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ମହିଳାଙ୍କ କ୍ଷେତ୍ରରେ ରହିଥିବା ଆହ୍ୱାନ ଗୁଡ଼ିକୁ ପ୍ରତିହତ କରିବା ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆବଶ୍ୟକତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O-3-PM-JEEVIKA-NIDHI**

ପ୍ରଧାନମନ୍ତ୍ରୀ କହିଛନ୍ତି, ସରକାର ଲକ୍ଷପତି ଦିଦି, ଡ୍ରୋନ୍ ଦିଦି ଏବଂ ବ୍ୟାଙ୍କ୍ ଶଖି ଭଳି ଯୋଜନା ମାଧ୍ୟମରେ ମହିଳାଙ୍କ ଆୟ ବୃଦ୍ଧି ପାଇଁ ପ୍ରତିବଦ୍ଧ । ବିହାରରେ ଗ୍ରାମୀଣ ମହିଳାଙ୍କ ମଧ୍ୟରେ ଉଦ୍ୟୋଗିତା ବିକାଶ ଏବଂ ଗୋଷ୍ଠୀ ନେତୃତ୍ୱାଧୀନ ଉଦ୍ୟୋଗ ଗୁଡ଼ିକର ଉନ୍ନତି ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ପ୍ରତିଷ୍ଠାନର ପରିଚାଳନା ପାଇଁ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ପାଣ୍ଠି ପ୍ରଦାନ କରିବେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସଂସ୍ଥାର ବ୍ୟାଙ୍କ୍ ଖାତାକୁ ୧୦୫ କୋଟି ଟଙ୍କା ସ୍ଥାନାନ୍ତର କରିଛନ୍ତି ।

## ଗୋୟଲ୍-ସଷ୍ଟେନେବଲ୍ ଗୋଲ

ସ୍ଥାୟୀତ୍ୱ ପ୍ରତିବଦ୍ଧତା ପୂରଣ କରିବାରେ ଜି-ଟ୍ୱେଣ୍ଟି ରାଷ୍ଟ୍ର ସମୂହ ମଧ୍ୟରେ ଭାରତ ଅଗ୍ରଣୀ ରହିଛି ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି । ନୂଆଦିଲ୍ଲୀ ଆଜି ସି.ଆଇ.ଆଇ.ର ୨୦ତମ ବିଶ୍ୱ ସ୍ଥାୟୀତ୍ୱ ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ଗୋୟଲ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୋପ୍-ଟ୍ୱେଣ୍ଟି ଓ୍ୱାନ୍‌କୁ ସଫଳ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛନ୍ତି । ଭାରତର ସ୍ଥାୟୀତ୍ୱ ଲକ୍ଷ୍ୟ ହାସଲ  ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି, ୨୦୧୪ ମସିହା ପରଠାରୁ ନବୀକରଣୀୟ ଶକ୍ତି ଲକ୍ଷ୍ୟ ୫ ଗୁଣ ବୃଦ୍ଧି ପାଇଛି । ଏକ ରାଷ୍ଟ୍ର, ଏକ ଗ୍ରୀଡ୍ ନୀତି ଅଧୀନରେ ସଫଳତାର ସହିତ ଜାତୀୟ ଆନ୍ତଃ ସମନ୍ୱୟ ଗ୍ରୀଡ୍ ସୃଷ୍ଟି କରାଯାଇ ପାରିଛି । ନିର୍ଦ୍ଧାରିତ ସମୟ ପୂର୍ବରୁ ଭାରତ ନବୀକରଣୀୟ ଶକ୍ତି ଲକ୍ଷ୍ୟ ହାସଲ କରିପାରିବ ବୋଲି ଶ୍ରୀ ଗୋୟଲ କହିବା ସହ ୨୦୩୦ ସୁଦ୍ଧା ୫୦୦ ଗିଗାଓ୍ୱାଟ୍ ଶକ୍ତି ଲକ୍ଷ୍ୟ ହାସଲ କରାଯିବ ବୋଲି ଆଶା ପ୍ରକାଶ କରିଛନ୍ତି ।

## ଆଫ୍‌ଗାନ୍ କ୍ୱେକ୍

ପୂର୍ବ ଆଫ୍‌ଗାନିସ୍ତାନରେ ଘଟିଥିବା ଶକ୍ତିଶାଳୀ ଭୂକମ୍ପରେ ମୃତ୍ୟୁ ସଂଖ୍ୟା ୧ହଜାର ୧୨୪ରେ ପହଞ୍ଚିଛି । ମିଳିଥିବା ସୂଚନା ଅନୁଯାୟୀ ୩

ହଜାର ୨୫୧ ଜଣ ଆହତ ହୋଇଛନ୍ତି । ମୁଖ୍ୟତଃ କୁନାର ପ୍ରଦେଶରେ ୮ ହଜାରରୁ ଅଧିକ ବାସଗୃହ ଏହି ଭୂମିକମ୍ପରେ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛି । ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଭଗ୍ନାବଶେଷ ତଳେ ରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରହିଥିବାରୁ ମୃତ୍ୟୁ ଏବଂ ଆହତଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି । ପୂର୍ବ ଆଫ୍‌ଗାନିସ୍ତାନରେ ଗତ ରବିବାର ୬ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିଲା । ଏହାର କେନ୍ଦ୍ରସ୍ଥଳ ନାଙ୍ଗରହାର୍ ପ୍ରଦେଶର ରାଜଧାନୀ ଜଲାଲାବାଦ୍‌ରୁ ୨୭ କିଲୋମିଟର ଉତ୍ତରପୂର୍ବରେ ୮ କିଲୋମିଟର ଗଭୀରରେ ରହିଥିଲା ।

## ଶ୍ରୀଲଙ୍କା-ଇଣ୍ଡିଆ ଟୁରିଷ୍ଟ

ଗତ ଅଗଷ୍ଟ ମାସରେ ଶ୍ରୀଲଙ୍କାକୁ ୪୬ ହଜାର ୪୭୩ ଭାରତୀୟ ପର୍ଯ୍ୟଟକ ବୁଲିବାକୁ ଯାଇଥିଲେ । ଶ୍ରୀଲଙ୍କା ପର୍ଯ୍ୟଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ଗତବର୍ଷ ଅଗଷ୍ଟ ମାସରେ ୧ ଲକ୍ଷ ୬୪ ହଜାର ୬୦୯ ଜଣ ପର୍ଯ୍ୟଟକ ଶ୍ରୀଲଙ୍କା ବୁଲିବାକୁ ଆସିଥିବା ବେଳେ ଏହା ତୁଳନାରେ ଚଳିତ ବର୍ଷ ଅଗଷ୍ଟ ମାସ ଶେଷ ସୁଦ୍ଧା ୧ ଲକ୍ଷ ୯୮ ହଜାର ୨୩୫ ଜଣ ବୁଲିବାକୁ ଆସିଛନ୍ତି । ଯାହା ଗତବର୍ଷ ତୁଳନାରେ ୨୦ ଦଶମିକ୍ ୪ ପ୍ରତିଶତ ଅଧିକ । ଚଳିତ ବର୍ଷ ଜାନୁଆରୀ ଏବଂ ଅଗଷ୍ଟ ମାସ

ମଧ୍ୟରେ ଶ୍ରୀଲଙ୍କାକୁ ଭାରତରୁ ୧୫ ଲକ୍ଷ ୬୬ ହଜାର ୫୨୩ ପର୍ଯ୍ୟଟକ ଆସିଛନ୍ତି । ଏହା ଫଳରେ ଶ୍ରୀଲଙ୍କା ପର୍ଯ୍ୟଟନର ବିକାଶ ବୃଦ୍ଧି ହେବା ସହ ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିଛି ।

## ଗିରିରାଜ-କପାସ୍ କିଶାନ୍ ଆପ୍

ବୟନ ଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ ଆଜି କପାସ୍ କିଶାନ୍ ଆପ୍‌ର ଶୁଭାରମ୍ଭ କରିଛନ୍ତି । ସର୍ବନିମ୍ନ ସହାୟକ ମୂଲ୍ୟ ଯୋଜନା ଅଧୀନରେ ଚାଷୀଙ୍କ ଠାରୁ କପା କ୍ରୟକୁ ସୁଗମ କରିବା ଲକ୍ଷ୍ୟ ନେଇ ଏହି ଆପ୍‌ର ପ୍ରଚଳନ କରାଯାଇଛି । କ୍ରୟ ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା ଆଣିବା ଏବଂ ଏହାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ଏହି ଆପ୍ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି । କପା ଚାଷୀଙ୍କ ପଞ୍ଜିକରଣ, ସ୍ଲଟ୍ ବୁକିଂ ଏବଂ ଅର୍ଥ ପ୍ରଦାନ ଅଧିକ ସଶକ୍ତ ହୋଇପାରିବ । ବହୁ ଭାରତୀୟ ଭାଷା ବ୍ୟବହାର ପାଇଁ ଏହି ଆପ୍‌ରେ ଅନୁକୂଳ ଇଣ୍ଟରଫେସ୍ ବ୍ୟବସ୍ଥା ରହିଛି । ଶ୍ରୀ ସିଂହ କହିଛନ୍ତି, ସର୍ବନିମ୍ନ ସହାୟକ ମୂଲ୍ୟ ମାଧ୍ୟମରେ କପା ଚାଷୀଙ୍କୁ ବିକ୍ରୟର ସୁବିଧା ମିଳିବା ସହ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରିବ ।

## ଭିଏତ୍‌ନାମ୍ ଇଣ୍ଡିପେଣ୍ଡେନ୍ସ ଡେ

ଭିଏତ୍‌ନାମ୍ ଆଜି ତାର ୮୦ତମ ସ୍ୱାଧୀନତା ଦିବସ ପାଳନ କରିଛି । ରାଜଧାନୀ ହାନୋଇ ଠାରେ କମ୍ୟୁନିଷ୍ଟ ଶାସନାଧୀନ ଏହି ଦେଶର ନାଗରୀକ ଏକତ୍ରିତ ହୋଇ ସ୍ୱାଧୀନତା ଦିବସ ପାଳନ କରିଛନ୍ତି । ବାଡିନ୍ ସ୍କୋୟାର୍‌ଠାରେ ଅନୁଷ୍ଠିତ ସମାରୋହରେ ସାମରିକ ପରେଡ୍ ସହିତ କ୍ଷେପଣାସ୍ତ୍ର, ହେଲିକାପ୍ଟର ଏବଂ ଲଢୁଆ ବିମାନ ଆଦି ପ୍ରଦର୍ଶନ କରାଯାଇଛି । ୧୯୪୫ ମସିହା ସେପ୍ଟେମ୍ବର ୨ ତାରିଖରେ ବିପ୍ଳବୀ ନେତା ହୋ ଚି ମିନ୍ ଫ୍ରାନ୍ସ ଉପନିବେଶବାଦ ଶାସନରୁ ଭିଏତ୍‌ନାମ୍‌କୁ ସ୍ୱାଧୀନ ଘୋଷଣା କରିଥିଲେ ।

## ତେଲଙ୍ଗାନା-କବିତା

ଭାରତ ରାଷ୍ଟ୍ର ସମିତି – ବି.ଆର୍.ଏସ୍. ସଭାପତି ତଥା ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ର ଶେଖର ରାଓ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ତାଙ୍କ ଝିଅ କେ. କବିତାଙ୍କୁ ଦଳରୁ ନିଲମ୍ବନ କରିଛନ୍ତି । କବିତା ବର୍ତ୍ତମାନ ବି.ଆର୍.ଏସ୍.ର ବିଧାନ ପରିଷଦ ସଦସ୍ୟ ରହିଛନ୍ତି । ଦଳର ସାଧାରଣ ସମ୍ପାଦକ ତଥା ଦଳର ଶୃଙ୍ଖଳା ବ୍ୟାପାର ଦାୟିତ୍ୱରେ ଥିବା ଟି. ରବିନ୍ଦର୍ ରାଓ ଏବଂ ସୋମା ଭାରତ କୁମାର ହାଇଦ୍ରାବାଦ୍ ଠାରେ ଏହି ଆଦେଶନାମା ଘୋଷଣା କରିଛନ୍ତି । ଗତ କେତେ ଦିନ ଧରି

କବିତାଙ୍କ ବିରୁଦ୍ଧରେ ଦଳ ବିରୋଧୀ କାର୍ଯ୍ୟ ତଥା କେତେକ ଗୁରୁତର ଅଭିଯୋଗ ହୋଇଆସୁଥିଲା, ଯାହା ଦଳର ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରୁଥିଲା ।

## କେରଳ-ଆମୋଇବିକ୍

କେରଳରେ ଦେଖାଦେଇଥିବା ବିରଳ ଆମୋଇବିକ୍ ଏନ୍‌ସେଫାଲାଇଟିସ୍ ସଂକ୍ରମଣ ନିୟନ୍ତ୍ରଣାଧୀନ ରହିଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି । ତେବେ କୋଝିକୋଡ଼େ ଠାରେ ଗତକାଲି ଏହି ରୋଗରେ ଆକ୍ରାନ୍ତ ଦୁଇଜଣ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା । ଏହି ରୋଗ ଏକ ଜଳବାହିତ ସଂକ୍ରମଣ ବୋଲି କୋଝିକୋଡ଼େ ମେଡିକାଲ୍ କଲେଜ୍‌ର ସହକାରୀ ପ୍ରଫେସର ଡକ୍ଟର ଭି.କେ. ଶମିର୍ ଆକାଶବାଣୀ ସମ୍ବାଦ ବିଭାଗକୁ ସୂଚନା ଦେଇ କହିଛନ୍ତି । ତେବେ ଏହି ରୋଗ ପୂର୍ବରୁ ନିରୁପଣ ହୋଇପାରିଲେ ଏହାର ନିଦାନ ସମ୍ଭବ ଅଟେ । ଏହାକୁ ନେଇ ବ୍ୟାପକ ଜନସଚେତନତାର ଆବଶ୍ୟକ ରହିଛି ବୋଲି ଡକ୍ଟର ସମୀର କରିଛନ୍ତି ।